୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.316 Bhubaneswar Friday January 31 2025 | ୨୬ତମ ବର୍ଷ ସଂଖ୍ୟା-୩୧୬ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୧, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୩୭ଟି ବଦଳି ନିର୍ଦ୍ଦେଶ ହୋଇନି କାର୍ଯ୍ୟକାରୀ: ମାନୁନାହାନ୍ତି ଅଫିସର, କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଲେ ସରକାର

ଭୁବନେଶ୍ୱର,୩୦।୧(ପି.ଏନ): ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଫିସରମାନଙ୍କ ବଦଳି ହେଉଛି ସତ କିନ୍ତୁ ସେହି ବଦଳି ନିର୍ଦ୍ଦେଶକୁ ଅଫିସରମାନେ ମାନୁନାହାନ୍ତି । କେଉଁଠି ସମ୍ପୃକ୍ତ ଅଫିସରଙ୍କୁ ରିଲିଭ୍ କରାଯାଉନି ତ କେଉଁଠି ସେହି ଅଫିସରମାନେ ନିଜ ପଦ ରଖିବା ପାଇଁ ନାନାଦି କସରତ କରୁଛନ୍ତି । ଯେଉଁଥିପାଇଁ ଗତ ୨୦୨୪ ଜୁଲାଇ ୨ତାରିଖରୁ ଚଳିତମାସ ୨୪ତାରିଖ ମଧ୍ୟରେ ମୋଟ ୩୭ଟି ବଦଳି ନିର୍ଦ୍ଦେଶ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନି । ଏଭଳି ପ୍ରଶାସନିକ ସଙ୍କଟକୁ ଦେଖି ମୋହନ ମାଝୀଙ୍କ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । ଆଉ ବଦଳି ହୋଇଥିବା ଅଫିସରମାନଙ୍କୁ ଚଳିତମାସ ୩୧ତାରିଖ ସୁଦ୍ଧା ରିଲିଭ୍ ନକଲେ ତାକୁ ସରକାରଙ୍କ ନିର୍ଦ୍ଦେଶର ଅବମାନନା ଭାବେ ବିବେଚନା କରାଯାଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ବଦଳି



ନିର୍ଦ୍ଦେଶ ଆଧାରରେ ଓଏଏସ୍ ଅଫିସରମାନଙ୍କୁ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ବାରମ୍ବାର ତାଗିଦ୍ ସତ୍ତ୍ୱେ ବରିଷ୍ଠ ଓଏଏସ୍ ଅଫିସରମାନଙ୍କ ବଦଳିକୁ ସେମାନଙ୍କର ଉପରିସ୍ଥ କର୍ତ୍ତୃପକ୍ଷମାନେ କାର୍ଯ୍ୟକାରୀ କରୁନଥିବା ଦେଖିବାକୁ ମିଳିଛି । ବଦଳି ହୋଇଥିବା ଅଧିକାଂଶ ଅଫିସର ନିଜର ବର୍ତ୍ତମାନ ସ୍ଥାନରୁ ରିଲିଭ୍ ହୋଇନଥିବା ଅବା ନୂଆ ଦାୟିତ୍ୱ ଗ୍ରହଣ କରିନଥିବା ଦେଖିବାକୁ ମିଳିଛି ।ଏହି ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାନଯିବା ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଶାସନିକ ସମସ୍ୟା ସୃଷ୍ଟି ହୋଇଛି । ଏହାବ୍ୟତୀତ ବଦଳି ନିର୍ଦ୍ଦେଶ ସତ୍ତ୍ୱେ ଅଫିସରମାନେ ଦୀର୍ଘଦିନ ଧରି ରିଲିଭ୍ ହେଉନଥିବାରୁ ବଦଳିର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନି । ଏହା ଖୋଲାଖୋଲି ସରକାରୀ ନିର୍ଦ୍ଦେଶର ଅବମାନନା, ଯାହାକି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ କରୁଛି ବୋଲି ଶ୍ରୀ କୁମାର କହିଛନ୍ତି ।

## ‘ରାସନ କାର୍ଡ ଫେରାଇବେନି ଠିକା କର୍ମଚାରୀ’, ସ୍ପଷ୍ଟୀକରଣ କଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୩୦।୧(ପି.ଏନ): ରାସନ କାର୍ଡ ଫେରାଇବା ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ଠିକା କର୍ମଚାରୀଙ୍କୁ ରାସନ କାର୍ଡ ଫେରାଇବାକୁ କହି ନାହିଁ। ବଡ ଚାକିରି କରି ନଥିବା ଲୋକଙ୍କୁ କାର୍ଡ ଫେରାଇବାକୁ କହିନି। ସେ ଆହୁରି କହିଛନ୍ତି ଯେ, ଯେଉଁମାନେ ୧୦ ରୁ ୧୨ ହଜାର ଟଙ୍କା ଦରମା ପାଉଛନ୍ତି ଅସୁବିଧା ନାହିଁ। ସେମାନଙ୍କୁ ଫେରାଇବାକୁ କହିନି କି ଫେରାଇବା ଦରକାର ନାହିଁ। ଯେଉଁମାନେ ଆଇଟି ରିଟର୍ଣ୍ଣ ଦାଖଲ କରୁଛନ୍ତି ସେମାନେ ଫେରାନ୍ତୁ ।କେଉଁମାନେ ଫେରାଇବେ ରାସନ କାର୍ଡ: ୩୦ ରୁ ୪୦ ହଜାର ଦରମା ପାଉଥିଲେ ରାସନକାର୍ଡ ଫେରାଇବାକୁ କହିଛନ୍ତି ଯୋଗାଣ ମନ୍ତ୍ରୀ। ଯଦି ସେମାନେ ନ ଫେରାନ୍ତି ତେବେ



ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।ରାସନ କାର୍ଡ ଅପଡେଟ୍ ପାଇଁ ବଢିଲା ସମୟ ସୀମା। ଫେବୃଆରୀ ୧୫ ତାରିଖ ଯାଏଁ ବଢିଲା ରାସନ ଇ-କେଓ୍ୱାଇସି ଅପଡେଟ୍। ଅବଧି ବୃଦ୍ଧି ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଜାରି କରିଛନ୍ତି ।ପୂର୍ବରୁ ଜାନୁଆରୀ ୩୧ ଶେଷ ତାରିଖ ଥିଲା। ଏହି ସମୟ ସୀମାକୁ ବର୍ତ୍ତମାନ ଫେବୃଆରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି। କିଛି ଲୋକେ ଇ-କେଓ୍ୱାଇସି କରି ନଥିବାରୁ ତାରିଖ ବୃଦ୍ଧି ପାଇଁ ଦାବି କରିଥିଲେ।

## ଫେବୃଆରୀ ୧୫ ତାରିଖ ଯାଏଁ ବଢ଼ିଲା ରାସନ ଇ-କେଓ୍ୱାଇସ ଅପଡେଟ୍, ସୂଚନା ଦେଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର,୩୦।୧(ପି.ଏନ): ରାସନ କାର୍ଡ ଅପଡେଟ୍ ପାଇଁ ବଢିଲା ସମୟ ସୀମା। ଫେବୃଆରୀ ୧୫ ତାରିଖ ଯାଏଁ ବଢିଲା ରାସନ ଇ-କେଓ୍ୱାଇସି ଅପଡେଟ୍। ଅବଧି ବୃଦ୍ଧି ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଜାରି କରିଛନ୍ତି ।ପୂର୍ବରୁ ଜାନୁଆରୀ ୩୧ ଶେଷ ତାରିଖ ଥିଲା। ଏହି ସମୟ ସୀମାକୁ ବର୍ତ୍ତମାନ ଫେବୃଆରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି। କିଛି ଲୋକେ ଇ-କେଓ୍ୱାଇସି କରି ନଥିବାରୁ ତାରିଖ ବୃଦ୍ଧି ପାଇଁ ଦାବି କରିଥିଲେ ।ଏହାକୁ ବିଚାର କରି ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଯୋଗ୍ୟତା ନଥିବା ବ୍ୟକ୍ତିଙ୍କୁ ଯୋଗାଣ ମନ୍ତ୍ରୀ ତାଗିଦ କରିଥିଲେ। ଯଦି ଏହିମାନେ କାର୍ଡ ନ ଫେରାନ୍ତି, ତେବେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା।

## ବିକଶିତ ଗାଁ ବିକଶିତ ଓଡିଶା ଗାଇଡଲାଇନ୍: ପ୍ରକଳ୍ପ ବାଛିବ ଗ୍ରାମସଭା, ଠିକାଦାରୀ କରିବେ କିଏ ତାକୁ ନେଇ ସସପେନ୍ସ

ଭୁବନେଶ୍ୱର,୩୦।୧(ପି.ଏନ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଗ୍ରାମାଂଚଳରେ ଧିମେଇ ଯାଇଥିବା ଭିଭିତ୍ତିମି ବିକାଶ କାର୍ଯ୍ୟକୁ ପୁଣିଥରେ ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନେଇଛନ୍ତି । ବିଜେଡି ସରକାରର ‘ଆମ ଓଡିଶା ନବୀନ ଓଡିଶା’ ଯୋଜନାକୁ ବନ୍ଦ କରି ‘ବିକଶିତ ଗାଁ, ବିକଶିତ ଓଡିଶା’ ନାଁରେ ଯୋଜନାକୁ କାର୍ଯ୍ୟାନ୍ୱୟନ ନିମନ୍ତେ ଗାଇଡଲାଇନ୍ ଜାରି କରିଛନ୍ତି ରାଜ୍ୟ ସରକାର । ଏହି ଯୋଜନାରେ ପ୍ରକଳ୍ପର ସର୍ବନିମ୍ନ ବ୍ୟୟ ଅଟକଳ ୩ଲକ୍ଷ ଟଙ୍କା ରହିବ। ଗ୍ରାମାଂଚଳର ଆବଶ୍ୟକତାକୁ ଦୃଷ୍ଟିରେ ‘ଗ୍ରାମସଭା’ ଦ୍ୱାରା ଏହି ଯୋଜନାର ପ୍ରକଳ୍ପ ଚୟନ ହେବ ସତ କିନ୍ତୁ ଏସବୁ ପ୍ରକଳ୍ପଗୁଡିକର ଠିକାଦାରୀ କାମ କିଏ କରିବେ ତାକୁ ନେଇ ସସପେନ୍ସ ଲାଗି ରହିଛି । ପୂର୍ବ ବିଜେଡି ସରକାର ପଂଚାୟତସମିତି ଦ୍ୱାରା ‘ବିଭାଗୀୟସ୍ତରରେ’ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଇବା ଆଳରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପଗୁଡିକର କାର୍ଯ୍ୟାଦେଶ ‘କନିଷ୍ଠ ଯନ୍ତ୍ରୀମାନଙ୍କ’ ନାଁରେ ରଖି ନିଜର କର୍ମୀମାନଙ୍କୁ ତୁଷ୍ଟୀକରଣ କରୁଥିଲେ।

## ଭାତ- ତରକାରୀରେ ପୋକ, ଆମେ ଖାଇବୁ କ’ଣ ନ୍ୟାୟ ଆଶାରେ ୧୦ କି.ମି ପଦଯାତ୍ରା

ନବରଙ୍ଗପୁର,୩୦।୧(ପି.ଏନ): “ମିଡ୍ ଡେ ମିଲ୍’ର ଦେଖିବାକୁ ମିଳିଛି ବିକଳ ଚିତ୍ରା ସ୍କୁଲରେ ଦୀର୍ଘ ୮ ମାସ ହେଲା ନିମ୍ନ ମାନର ଖାଦ୍ୟ ଦିଆଯାଉଥିଲା ।

ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନଥିଲେ। ଶେଷରେ ସମସ୍ୟାର ସମାଧାନ ପାଇଁ ଚାଲିଲେ ପ୍ରାୟ ୧୦ କିଲୋମିଟର ।ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାତରରେ ।ନିମ୍ନମାନର ଭୋଜନ: ମା ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ, ବୁର୍ଜାରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଉକ୍ତ ଗ୍ରାମର କସ୍ତୁରବା ବାଳିକା ହଷ୍ଟେଲରେ ରହୁଥିଲେ ।ଦୀର୍ଘ ୮ ମାସ ହେଲା ଏହି ହଷ୍ଟେଲରେ ପରସା ଯାଉଥିବା ଖାଦ୍ୟ ଏତେ ନିମ୍ନମାନର ଯେ ଭାତ ଆଉ ତରକାରୀରେ ଖାଲି ପୋକ ଦେଖା ଯାଉଥିଲା ଯାହାକୁ ଦେଖିଲେ ବି ଘୃଣା ଲାଗୁଥିଲା। ସମାଧାନ ନାଁରେ ଆଶ୍ୱାସନା: ଏହି ସମସ୍ୟା ନେଇ ହଷ୍ଟେଲର ଛାତ୍ରୀମାନେ ବିଭିନ୍ନ ସମୟରେ ପ୍ରଧାନଶିକ୍ଷକଙ୍କ ଠାରୁ ଆରମ୍ଭ କରି ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି



ଆକର୍ଷଣ କରିଥିଲେ। କିନ୍ତୁ ଅତି ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସମସ୍ତେ କେବଳ ଆଶ୍ୱାସନା ଦେଉଥିଲେ ।ଚାଲିଲେ ୧୦ କିଲୋମିଟର: ଉଚ୍ଚ ଅଧିକାରୀଙ୍କ ଅବହେଳା ଦେଖି ଶେଷରେ ନ୍ୟାୟ ଆଶାରେ ଅଭିଯୋଗ ପାଇଁ ଉମରକୋଟ ଥାନା ଅଭିମୁଖେ ପଦଯାତ୍ରା କରିଥିଲେ ପ୍ରାୟ ୩୦ ରୁ ୪୦ ଜଣ ଛାତ୍ରୀ । ସେମାନେ ପ୍ରାୟ ୧୦ କିଲୋମିଟର ଚାଲିଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା । ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ: ଘଟଣା ବିଷୟରେ ଜାଣି ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଛାତ୍ରୀ ମାନଙ୍କୁ ବୁଝା ସୁଝା କରି ସ୍କୁଲକୁ ଫେରାଇବାରେ ସଫଳ ହେଇଥିଲେ ।ତେବେ ଏହି ଘଟଣାରେ ଯିଏ ବି ଦୋଷୀ ଥାଉ ନା କାହିଁକି ତାଙ୍କ ବିରୁଦ୍ଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ । ଘଟଣାକୁ ଗମ୍ଭୀରତାର ସହ ନେଇ ନ୍ୟାୟ ପାଇଁ ସାଧାରଣରେ ଦାବି ହେଉଛି ।

## ଦେଶର ସବୁଠାରୁ ଧନୀ ଆଇଏଏସ୍, ଯିଏ ଦରମା ନିଅନ୍ତି ମାତ୍ର ୧ ଟଙ୍କା

ଭୁବନେଶ୍ୱର,୩୦।୧(ପି.ଏନ): ଭାରତରେ ୟୁପିଏସସି ପରୀକ୍ଷା ବେଶ କଷ୍ଟକର। ପ୍ରତିବର୍ଷ ଲକ୍ଷାଧିକ ଆଶାୟୀ ଏହି ପରୀକ୍ଷା ଦେଉଥିବା ବେଳେ କେବଳ କିଛିଜଣଙ୍କୁ ସଫଳତା ମିଳିଥାଏ। ପରୀକ୍ଷାରେ ପାସ୍ କରିବାକୁ ଅନେକ ପରିଶ୍ରମ କରିବାକୁ ପଡିଥାଏ। ପରିଶ୍ରମ କଲେ ବିବେଳେବେଳେ ଆଶା ଅନୁସାରେ ରାଙ୍କିଙ୍ଗ ମଧ ମିଳେନାହିଁ। ତେବେ ଏମିତି କିଛି ଆଶାୟୀ ଅଛନ୍ତି, ଯେଉଁମାନେ ଦୃଢ଼ ପରିଶ୍ରମ ଓ ଆତ୍ମବିଶ୍ୱାସ ବେଳେ ପ୍ରତଟି ପରୀକ୍ଷାରେ ଏବଂ ପ୍ରତିଟି ପର୍ଯ୍ୟାୟରେ କୃତକାର୍ଯ୍ୟ ହୋଇଥାଆନ୍ତି। ଆଜି ଆମେ ଆପଣମାନଙ୍କୁ ଜଣେ ପ୍ରେରଣାଦାୟୀ ଆଇଏଏସ୍ ଅଫିସରଙ୍କ କଥା କହିବୁ, ଯିଏ ଦିନ ସନଗ୍ଲାସ ପିନ୍ଧି ବିବାଦ ଘେରକୁ ଆସିଥିଲେ।

## ସୋମାଲିଆରେ କେମିତି ଅପରେସନ କରିଥିଲା ଭାରତ ? ଜଳଦସ୍ୟୁଙ୍କ କବଳରୁ ୧୭ ଜଣଙ୍କୁ ଉଦ୍ଧାର କରିଥିଲେ ମାର୍କୋ କମାଣ୍ଡୋ

ଭୁବନେଶ୍ୱର,୩୦।୧(ପି.ଏନ): ଭାରତୀୟ ବାୟୁସେନାର ଅନ୍ୟତମ ବିପଦପୂର୍ଣ୍ଣ ତଥା ସାହସୀ ଅପରେସନର ତଥ୍ୟ ଦେଇଛନ୍ତି ଭାରତ ସରକାର। ଭାରତୀୟ ବାୟୁସେନା କେମିତି ଜଳଦସ୍ୟୁଙ୍କ କଳବରେ ଥିବା ୧୭ ଜଣ କ୍ରୁ ସଦସ୍ୟଙ୍କୁ ସୋମାଲିଆ ଉପକୂଳରୁ ଉଦ୍ଧାର କରିଥିଲା, ତା’ର ତଥ୍ୟ ସରକାର ସାର୍ବଜନୀନ କରିଛନ୍ତି। ସି-୧୭ ମିଲିଟାରୀ ପରିବହନ ଏୟାରକ୍ରାଫ୍ଟକୁ ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଉଡାଇ ଅପରେସନକୁ ସଫଳ କରାଇଥିବା ପାଇଲଟଙ୍କୁ ଭାରତ ସରକାର ସମ୍ମାନୀତ କରିଛନ୍ତି। ବିପଦ ଥିବା ମିଶନକୁ ସେ କେମିତି ସଫଳତାର ସହ ଶେଷ କରିଥିଲେ, ସେକଥା ମଧ



କହିଛନ୍ତି ।ୱିଙ୍ଗ କମାଣ୍ଡର ଅକ୍ଷୟ ସକ୍ସେନା ୨୦୦୬ ମସିହା ଜୁନ ମାସରେ ଭାରତୀୟ ବାୟୁସେନାରେ ନିଯୁକ୍ତି ପାଇଥିଲେ। ୨୦୨୧ରୁ ସେ ସି-୧୭ ସ୍କ୍ୱାର୍ଡନରେ ପୋଷ୍ଟିଂ ଅଛନ୍ତି। ଚଳିତ ସାଧାରଣତନ୍ତ୍ର ଦିବସରେ ତାଙ୍କୁ ଭାରତ ସରକାର ଅଦମ୍ୟ ସାହାସ ଓ ବୀରତା ପାଇଁ ବାୟୁ ସେନା ମେଡାଲରେ ସମ୍ମାନୀତ କରିଛନ୍ତି। ୱିଙ୍ଗ କମାଣ୍ଡର ଅକ୍ଷୟ ସକ୍ସେନା ନିଜେ ହିଁ ମିଶନ ପାଇଁ କ୍ରୁ ଚୟନ କରିଥିଲେ। କାରଣ ତାଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଅତ୍ୟନ୍ତ ଗୁପ୍ତ ଭାବେ ଏହି ମିଶନକୁ ଶେଷ କରିବାର ଥିଲା। ଜଳଦସ୍ୟୁମାନେ ବାଣିଜ୍ୟ ଜାହାଜକୁ ବେଶ କିଛି ଦିନ ଧରି କବଜା କରି ରଖିଥିଲେ।

## କୁମ୍ଭମେଳା ଦଳାଚକଟା ମୃତକଙ୍କ ମଧ୍ୟରେ ଓଡ଼ିଆ କେତେ ?

ଭୁବନେଶ୍ୱର,୩୦।୧(ପି.ଏନ): ଭିଭିଆଇପିଙ୍କ ଜୀବନର ମୂଲ୍ୟ ଅଛି । ହେଲେ ସାଧାରଣ ଶ୍ରଦ୍ଧାଳୁଙ୍କ ମୂଲ୍ୟ କ’ଣ ? ଗତକାଲି ମୌନି ଅମାବାସ୍ୟାରେ ଦଳାଚକଟାରେ ପ୍ରାଣହାନୀ ଘଟିଥିବା ଶ୍ରଦ୍ଧାଳୁଙ୍କ ଭିତରେ ଓଡ଼ିଆ ଶ୍ରଦ୍ଧାଳୁଙ୍କ ସଂଖ୍ୟା କେତେ ତାକୁ ନା ରାଜ୍ୟ ସରକାର ଧ୍ୟାନ ଦେଇଛନ୍ତି ନା ଡବଲ ଇଞ୍ଜିନ ସରକାର କିଛି ସ୍ପଷ୍ଟ କରିଛନ୍ତି । ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ ପାଖରେ ଦାୟର ହୋଇଛି ମାମଲା । ପ୍ରତ୍ୟେକ ମୃତାହତଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଗୁରୁତର ଆହତଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି ହୋଇଛି । ସେପଟେ ବିରୋଧୀଙ୍କ ଦାବି ରାଜ୍ୟ ସରକାର ତୁରନ୍ତ କୁମ୍ଭମେଳାରେ ସ୍ୱତନ୍ତ୍ର କ୍ୟାମ୍ପ ପକାଇ ଓଡ଼ିଆ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦାୟିତ୍ୱ ନିଅନ୍ତୁ ।କୁମ୍ଭମେଳାରେ ବୁଡ଼ ପକାଇବାକୁ ଗଲେ । ଦଳାଚକଟାରେ ଜୀବନ ଗଲା । ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ଭିତରେ ଓଡ଼ିଆ ଭକ୍ତ ବି ସାମିଲ ଥାଇପାରନ୍ତି । ଏ ପର୍ଯ୍ୟନ୍ତ



କେତେ ଓଡ଼ିଆ ପ୍ରାଣ ହରାଇଛନ୍ତି ? କେତେ ଗୁରୁତର ଆହତ ଓ କେତେ ନିଖୋଜ ଅଛନ୍ତି ? ନା ସେଠାକାର ସରକାର ସ୍ପଷ୍ଟ କଲେଣି ନା ରାଜ୍ୟରେ ମୃତାହତଙ୍କ ବିଷୟରେ ଜାଣିବା ପାଇଁ ତତ୍ପରତା ଦେଖାଇଛନ୍ତି ମୋହନ ସରକାର । ଏ ନେଇ ପୁରୀର ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନଙ୍କ ପାଖରେ ମାମଲା ଦାୟର କରିଛନ୍ତି ।କୁମ୍ଭ ଦଳାଚକଟାରେ ୩୦ ଜଣ ପ୍ରାଣ ହରାଇଥିବାବେଳେ ୬୦ରୁ ଅଧିକ ଗୁରୁତର ଥିବା ସରକାରୀ ସ୍ତରରେ ପ୍ରକାଶ କରାଯାଇଛି । ଭିଭିଆଇପି ଓ ଭିଆଇପି କିପରି ସୁରକ୍ଷିତ ବୁଡ଼ ପକାଇବେ ସବୁ ବ୍ୟବସ୍ଥା ହୋଇଛି । ଅଥଚ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ କୌଣସି ସୁବିଧା କରାଯାଇ ନଥିବାରୁ ଏପରି ଅଘଟଣ ଘଟିଥିବା ଆବେଦନକାରୀ ତାଙ୍କ ଆବେଦନରେ ଜଣାଇଛନ୍ତି । ମୃତାହତଙ୍କ ପରିବାରକୁ ୩୦ ଲକ୍ଷ ଲେଖାଏଁ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ସହିତ ଆହତଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଅତିରିକ୍ତ ସହାୟତା ପ୍ରଦାନ କରିବାକୁ ଆଦେଶ ଦେବାକୁ କମିଶନଙ୍କୁ ଗୁହାରି କରାଯାଇଛି ।କୁମ୍ଭମେଳା ଅଘଟଣ ପରେ ଓଡ଼ିଶା ସରକାରଙ୍କ ସ୍ଥାଣୁତାକୁ ଦାୟୀ କରିଛନ୍ତି ବିରୋଧୀ । ଆଗରୁ ମେଳା ପରିସରରେ ଥିବା ଟେଣ୍ଟରେ ନିଆଁ ଲାଗିଥିଲା । ଆଜି ବି ନିଆଁ ଲାଗି ୧୫ଟି ଟେଣ୍ଟ ଜଳିଯିବା ଖବର ଆସିଛି ।ଏତେ ବଡ଼ ମେଳାରେ କୋଟି କୋଟି ଲୋକ ଏକାଠି ହେବେ ବୁଡ଼ ପକାଇବେ । ସେଥିପାଇଁ ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରିଥିବା ପ୍ରଚାର କରୁଛନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ଏପରି ଅଘଟଣ ଘଟୁଛି କିପରି ? ଓଡ଼ିଶା ସରକାର ସେଠାକୁ ନା କୌଣସି ମନ୍ତ୍ରୀଙ୍କୁ ପଠାଇଛନ୍ତି ନା କୌଣସି ଅଧିକାରୀଙ୍କୁ ପଠାଇ ଭଲମନ୍ଦ ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ପରିବାରକୁ ୨୦ରୁ ୨୫ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ଆପ ଓ କଂଗ୍ରେସ । ଭୁବନେଶ୍ୱରରେ ଯେପରି ଭାବେ ଫୁଟପାଥ୍ ଉପରେ ଲୁହା ବାରିକେଡ୍ କରାଯାଇଛି ତାହା ବି ଆଗାମୀ ଦିନରେ ବିପଦ ଟାଣି ଆଣୁଛି । ଏପରିକି ଉତ୍କର୍ଷ ଓଡ଼ିଶା ପାଇଁ ଜନତା ମଇଦାନ ପାଖରେ ମାଳ ମାଳ ଫ୍ଲେକ୍ସ ବ୍ୟାନର ଓ ଲୁହାବାଡ଼ ଲଗାଯାଇ ଲୋକଙ୍କ ଜୀବନକୁ ବିପନ୍ନ କରାଯାଇଥିବା ବାମଦଳ ଅଭିଯୋଗ କରିଛି ।କୁମ୍ଭମେଳାରେ ଶ୍ରଦ୍ଧାଳୁଙ୍କ ଜୀବନ ସୁରକ୍ଷିତ ନା ନାହିଁ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୁରୁତର ସହ ସେ ଦିଗରେ ଧ୍ୟାନ ଦେବାକୁ ମାନବାଧିକାର କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସରେ ଜଣାଇଛନ୍ତି ।

## ବନ୍ଧୁକ ଦେଖାଇ ରାଜସ୍ୱ ନିରୀକ୍ଷକଙ୍କଠୁ ସୁନା ଚେନ୍ ଓ ଟଙ୍କା ଲୁଟି ଚମ୍ପଟ୍ ମାରିଲେ ଦୁର୍ବୃତ୍ତ



ମୟୂରଭଞ୍ଜ, ଭୁବନେଶ୍ୱର,୩୦।୧(ପି.ଏନ): ବନ୍ଧୁକ ଦେଖାଇ ରାଜସ୍ୱ ନିରୀକ୍ଷକଙ୍କ ଅଫିସରୁ ଲୁଟ୍। କରଞ୍ଜିଆ ଥାନା ପାଟ୍‌ବିଲ୍ ଜଓଙ୍କ ଠାରୁ ଲୁଟିନେଲେ ସୁନା ଚେନ୍ ଓ ଟଙ୍କା। ୨ ଦୁର୍ବୃତ୍ତ ଲୁଟି ଚମ୍ପଟ୍, ଘଟଣାସ୍ଥଳରେ ପୋଲିସର ଛାନ୍‌ଭିନ୍ ।ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ପାଟିବିଲ ଆର୍. ଆଇ ନିରୁପମା ନାୟକ କାର୍ଯ୍ୟାଳୟରେ ଏକୁଟିଆ ବସି କାର୍ଯ୍ୟ କରୁଥିବା ସମୟରେ ଦୁଇ ଜଣ ବ୍ୟକ୍ତି ଜମିଜମା କିଣା ବିକା ନେଇ କିଛି ସମୟ ଆଲୋଚନା କରିଥିଲେ ।କିଛି ସମୟ ପରେ ମୁଖା ପିନ୍ଧି ଆସି ବନ୍ଧୁକ ଦେଖାଇ ହାର, କାନଫୁଲ, ନଗଦ ଟଙ୍କା ସହିତ ଦୁଇଟି ମୋବଇଲକୁ ଲୁଟିନେଲେ ଦୁଇ ଦୁର୍ବୃତ୍ତ। ଘଟଣା ସ୍ଥଳରେ ଅତରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠି ପହଂଚି ଆର.ଆଇଙ୍କୁ ପଚରାଉଚରା କରୁଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଛି ।ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରି ତଦନ୍ତ କରୁଛି, ଆର ଆଇ କାର୍ଯ୍ୟାଳୟଟି ନିଛାଟିଆ ଏବଂ ଜନଶୂନ୍ୟ ଅଂଚଳରେ ହୋଇଥିବାରୁ ସହଜରେ ଦୁର୍ବୃତ୍ତ ମାନେ ଏମିତି ଡକାୟତି କରିଲୁଟି ନେଇଥିବା କୁହାଯାଉଛି ।







# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସି : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପା ତ୍ର ହୋଇଛି ହ୍ରିତିକ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ‘କର୍ଫି’ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧଓ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ସାଧାରଣ ଜନତାଙ୍କ ବିକାଶ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



ମୋହନା (ଗଜପତି) (ପିଏନ୍): ଗଜପତି ଜିଲ୍ଲାର ଦୁର୍ଗମ ଆଦିବାସୀ ବହୁଳ ମୋହନାରୁ ପ୍ରକାଶ ପାଉଥିବା ଉପାନ୍ତ ଓଡିଶା ୱେବ ଚେନେଲ ଆଜିକା ଦିନରେ ଓଡ଼ିଶାର ପୁରପଲ୍ଲୀରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଲୋକଙ୍କ ଆଦର ପାଇ ଲୋକଙ୍କ ସମସ୍ୟା ସମାଧାନରେ ପ୍ରଶାସନର ଦୃଷ୍ଟିକୁ ଆଣି କାର୍ଯ୍ୟ ଚାଲୁ ରଖିଥିବାରୁ ଉପସ୍ଥିତ ଅତିଥିମାନେ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ତପ୍ତପାଣି ନିକଟସ୍ଥ ହିଲ୍ ଭିଉ ତରୁନ୍ ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ନିଜ ବକ୍ତବ୍ୟରେ ଉପସ୍ଥିତ ସାମ୍ବାଦିକ ଏବଂ ଅତିଥିଙ୍କୁ ସରକାରଙ୍କ ନଜରକୁ ଆଣି ସାମ୍ବାଦିକଙ୍କ ସମସ୍ୟା ସମାଧାନର ବାଟ ଖୋଲିବା ପାଇଁ ଦାବି କରିବେ ବୋଲି କହିଥିଲେ। ଏହା ସହ ଅନ୍ୟତମ ଅତିଥି ଭାବେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଭାପତି ତଥା 'ନବୀନ'ର ସମ୍ପାଦକ ରବି ରଥ ନିଜ ବକ୍ତବ୍ୟରେ ଖବରକାଗଜ ମାଲିକମାନେ ଛୋଟ ଛୋଟ ସମ୍ବାଦପତ୍ର ଏବଂ ମାଲିକମାନଙ୍କୁ ଦବେଇବା ପାଇଁ ଚେଷ୍ଟାକରି ବର୍ତ୍ତମାନ ସୁଦ୍ଧା ସଫଳ ହୋଇପାରିନଥିବା ପ୍ରକାଶ କରିଥିଲେ। ଏହାସହ ଆଜିକା ଦିନରେ ଛୋଟ ଛୋଟ ପତ୍ରିକା ମଧ୍ଯ ତାହାର ଗୁଣବତା ବଜାୟ ରଖିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ଚେନେଲର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ସାହୁ ନିଜ ବକ୍ତବ୍ୟରେ ଉପାନ୍ତ ଓଡିଶା ଚେନେଲ ଏକ ବର୍ଷ ମଧ୍ୟରେ ପ୍ରତିଦ୍ୱନ୍ଦିକାକୁ ଆସିଥିବା ପ୍ରକାଶ କରିଥିଲେ। ଏହା ସହ ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଇଂ.ନଗେନ୍ଦ୍ର ନାଥ ମହାରଣା ନିଜ ବକ୍ତବ୍ୟରେ ଗଠନ ମୂଳକ ସମ୍ବାଦ ପରିବେଷଣ କରିବା ନିମନ୍ତେ ସମସ୍ତ ସାମ୍ବାଦିକଙ୍କୁ ଉପଦେଶ ଦେଇଥିଲେ। ଏହା ସହ ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାତା ସଭାପତି ଭାଗବତ ଋରି ଟେବୁଲ ଟ୍ରଷ୍ଟ ପ୍ରକାଶ ଚନ୍ଦ୍ର ପାତ୍ର ଉପସ୍ଥିତ ସାମ୍ବାଦିକଙ୍କୁ ଗଠନ ମୂଳକ ସମ୍ବାଦ ପରିବେଷଣ କରି ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ସାମ୍ବାଦିକଙ୍କୁ ଉପଦେଶ ଦେଇଥିଲେ। ତତ୍ ସଙ୍ଗେ ସଙ୍ଗେ ଆର.ଉଦୟଗିରି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ଦାସ ଉପସ୍ଥିତ ହୋଇ ଦୁର୍ଗମ ଅଞ୍ଚଳରେ ଏହି ଚେନେଲ ପ୍ରଥମ ସମସ୍ତ ଘଟଣା ପ୍ରକାଶ କରି ପ୍ରଶାସନର ଦୃଷ୍ଟିକୁ ଆଣି ଲୋକଙ୍କ ସମସ୍ୟା ସମାଧାନରେ ଆଗରେ ଥିବା କହିଥିଲେ। ଏହା ପରେ ସଭାରେ ସ୍ଥାୟୀ ଲୋକ ଅଦାଲତ ସଭ୍ୟା ସବିତା ସାହୁକର ନିଜ ବକ୍ତବ୍ୟରେ ଉପାନ୍ତ ଓଡିଶା ଦୁର୍ଗମ ଅଞ୍ଚଳରେ ଆରମ୍ଭ ହୋଇ ବର୍ତ୍ତମାନ ନିଜର ମଧ୍ୟରେ ଆଗରେ ଥିବା ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ଭାବେ ସମାଜସେବୀ ତ୍ରିନାଥ ବିଶୋଇରତ୍ନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପ୍ରଧାନ, ଅବନ୍ତି ମିଶ୍ର, ଦଣ୍ଡାସି ସାହୁ, ଶଙ୍କର ପ୍ରଧାନ, ଗୌରାଙ୍ଗ ଚରଣ ସ୍ୱାଇଁ, ଶରତ ଦାଶ, ନୃସିଂହ ଚରଣ ବାରିକ ପ୍ରମୁଖ ଉପସ୍ଥିତ ରହି ଉପାନ୍ତ ଓଡିଶା ଚେନେଲ ଦୁର୍ଗମ ଅଞ୍ଚଳର ଗରିବ ନିଷ୍ପେସିତ ଲୋକଙ୍କ ସମସ୍ୟା ସମାଧାନରେ ଅଗ୍ରଣୀ ଭୂମିକା ନିଭାଉଥିବା କହିଥିଲେ। ଏହି ପ୍ରଥମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମୁଖ୍ୟ ସମ୍ପାଦକ ଗଣେଶ ଚନ୍ଦ୍ର ବିଶୋୟୀ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ, ଋରିଟେବୁଲ ଟ୍ରଷ୍ଟ ସଭାପତି ଏସ୍. ପ୍ରକାଶ ପାତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିବା ଶିଶୁଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଡେସ୍କ ଏଡିଟର ବିଷ୍ଣୁପ୍ରିୟା ବିଶୋୟୀଙ୍କୁ ଉପଢୌକନ ସହ ସମସ୍ତ ସାମ୍ବାଦିକଙ୍କୁ ଅତିଥିମାନେ ପ୍ରମାଣ ପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ସହକାରୀ ସମ୍ପାଦକ ଦୀପକ କୁମାର ଷଡଙ୍ଗୀ ଏବଂ ଓଡିଶା ମୁଖ୍ୟ ପଣ୍ଡିତ ଅଜିତ କୁମାର ଦାସଙ୍କ ସମେତ ଓଡ଼ିଶାର ସମସ୍ତ ଅଞ୍ଚଳରୁ ଶତାଧିକ ସାମ୍ବାଦିକ, ସୁବେଚ୍ଛୁ ଉପସ୍ଥିତ ଥିଲେ।




# ରତ୍ନାବଳୀ ଶକ୍ତିପୀଠ, ପଶ୍ଚିମବଙ୍ଗ

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍, ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।










କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଛିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ' ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

**କେମିତି ଯିବେ:** (୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

# ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ରାଜଭବନ ଛକରେ ଥିବା ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମୟୁରଭଂଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେବଙ୍କ ପ୍ରତିମୂର୍ତ୍ତିରେ ସକାଳ ୯ ଟା ଓ ୯-୩୦ ମିନିଟ ସମୟରେ ମାଲ୍ୟାର୍ପଣ କରାଯାଇ ଦିବସ ପାଳନ କରାଯାଇଛି । ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କୁ ଉତ୍କଳ ସମ୍ମିଳନୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଶ୍ରୀ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡିଆ ଭାଷା ସାହିତ୍ୟର ଉନ୍ନତି କରିବାକୁ ହେଲେ ପ୍ରତେକ ଓଡିଆ ନିଜ ଘରକୁ ଏକାଧିକ ଓଡିଆ ଖବରକାଗଜ କିଣି ପାଠ କରିବା ଉଚିତ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିରଂଜନ ଦାଶ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଭୁବନେଶ୍ୱର ଶାଖା ଉପ-ସଭାପତି ସୁବ୍ରତ ମହାପାତ୍ର ଓ ସମ୍ପାଦକ ରାଜେଶ ସାହୁଙ୍କ ସହିତ ବ୍ରହ୍ମପୁରରୁ ଶରତ ଚନ୍ଦ୍ର ସାହୁ, ବାଙ୍କୀରୁ କାମଦେବ ମହାପାତ୍ର, ପ୍ରସନ୍ନ ରଥ, ରୁଷି ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଅଜୟ କାନୁନଗୋ, ପତିତପାବନ ତ୍ରିପାଠି ଓ ପୃଥିରାଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ଅସହାୟ, ଜରାଗ୍ରସ୍ତଙ୍କୁ ଶୀତବସ୍ତ୍ର ବଣ୍ଟନ

ଭୁବନେଶ୍ୱର (ପିଏନ୍): ବୌଦ୍ଧିକ ସମାବେଶ ଓଡ଼ିଶା ଓ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ବମିଖାଲର ମିଳିତ ଆନୁକୂଲ୍ୟରେ ଢ଼େରାଶ ନିକଟ କଣ୍ଟାବାଡ଼ ଗ୍ରାମରେ ମହାନ୍ ସମାଜସେବୀ, ଶିକ୍ଷାବିତ୍ ସ୍ୱର୍ଗତଃ କାଳିପ୍ରସାଦ ସାମନ୍ତରାୟଙ୍କ ୫୯ତମ ଜୟନ୍ତୀ ଉପଲକ୍ଷେ ଅସହାୟ, ଜରାଗ୍ରସ୍ତ, ଦୁଃସ୍ଥ ପରିବାରବର୍ଗଙ୍କୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସଭାପତି ଭାଷାବିତ୍, ଶିକ୍ଷାବିତ୍, ସୀତାବଲ୍ଲଭ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ଓ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ଓ ସମସ୍ତେ ନିଜ ନିଜ ସ୍ତରର ସାମାଜିକ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ବୌଦ୍ଧିକ ସମାବେଶର ଉପସଭାପତି ତଥା ସାମ୍ବାଦିକ ସୌଭାଗ୍ୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସ୍ୱର୍ଗତଃ କାଳିପ୍ରସାଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଗରିବ ଅସହାୟଙ୍କୁ କମ୍ପ୍ୟୁଟର ଶିକ୍ଷା, ନୈତିକ ଶିକ୍ଷା, ମାତୃଭାଷା ପାଇଁ କାର୍ଯ୍ୟ, ଦରିଦ୍ର ନାରାୟଣ ସେବା, ସ୍ୱାସ୍ଥ୍ୟସେବା, ସାମ୍ବାଦିକତା ଶିକ୍ଷା ସହିତ ବୃକ୍ଷରୋପଣ ଓ ରକ୍ତଦାନର ମହାନ କାଣ୍ଡାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନର ସଦସ୍ୟ ବିଜୟ ପରିଡ଼ା, ସଞ୍ଜୀବ ପର୍ଡା, ଶରତ ରାଉତ ପ୍ରମୁଖ ସହଯୋଗ କରିଥିବା ବେଳେ ଶିବ ପଟ୍ଟନାୟକ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ଅବସରପ୍ରାପ୍ତ ଅଗ୍ନିସମ ସେବା ଅଧିକାରୀଙ୍କ ପରଲୋକ

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା ସଦରମହକୁମା ଅଗ୍ନିଶମ ସେବା କେନ୍ଦ୍ରରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ଅଗ୍ନିଶମ ସେବା ଅଧିକାରୀ ଶ୍ରୀ ଜତିନ୍ଦ୍ରନାଥ ନାୟକଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା । କଟକ ଜିଲ୍ଲା ନିଆଳି ବ୍ଲକ ଡିହ ସିଠାଳ ଗ୍ରାମରେ ଜନ୍ମିତ ଶ୍ରୀ ନାୟକ ଚାକିରୀ ଜୀବନରେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରି କର୍ମଚାରୀ ମହଲରେ ସୁନାମ ଅର୍ଜନ କରିଥିଲେ । ଅବସର ଗ୍ରହଣ ପରେ ସେ ନିଜ ଗ୍ରାମ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ଅନ୍ତେ ପତ୍ନୀ ହରପ୍ରିୟା, ୨ ପୁଅ, ୩ ଝିଅ ଓ ନାତିନାତୁଣୀ ରହିଛନ୍ତି । ତାଙ୍କ ବିୟୋଗରେ ଡିହ ସିଠାଳ ଜନ୍ମମାଟି ସ୍ଥିତ ପରିବାରବର୍ଗ, ବନ୍ଧୁ ଓ ସହକର୍ମୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ



କେନ୍ଦ୍ରାପଡ଼ା (ପିଏନ୍): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଓ ଗୁରୁବ୍ରଦର୍ସର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ ଡାଳିକଏନ୍ଦା ଠାରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ୍‌ର କ୍ୱାଟର ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଂଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୮ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଏହି କ୍ୱାଟର ଫାଇନାଲ ମ୍ୟାଚରେ ଓଳାବର କ୍ରିକେଟ କ୍ଲବ ସହିତ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବ ଖେଳିଥିବା ବେଳେ ଓଳାବର କ୍ରିକେଟ କ୍ଲବକୁ ୮ ଉଇକେଟରେ ହରାଇ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବ ବିଜୟ ଲାଭ କରିଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ମୁଖ୍ୟବକ୍ତା ଭାବେ କରୁଣାକର ଦାସ, ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ବିଜୟୀ ଦଳ ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା କ୍ରିକେଟ କ୍ଲବକୁ ଓ ପରାଜିତ ଦଳ ଓଳାବର କ୍ରିକେଟ କ୍ଲବକୁ ପୁରସ୍କୃତ କରିଥିଲେ। ପ୍ରଥମେ ଅତିଥିମାନେ ବିପ୍ଳବୀ ଜେନାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଯୁବକ ସଂଘର କୋଷାଧକ୍ଷ କୈଳାସ ଚନ୍ଦ୍ର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଦୁଶାସନ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଭାପତି ପ୍ରମୋଦ ରାଉତ, ସଂପାଦକ ସରୋଜ ବେହେରା, ଅମ୍ପେୟାର ନିଗମାନନ୍ଦ ବେହେରା, ଓ ପ୍ରକାଶ ସାହୁ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ପରିଚାଳନା କରିଥିଲେ। ଶେଷରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ଗ୍ରାମର ଦୁଇଜଣଙ୍କ ପରଲୋକ

ଫୁଲନଖରା (ପିଏନ୍)-ସଦର ଥାନା ଗଙ୍ଗେଶ୍ୱର ମୌଜା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିପ୍ରଚରଣ ସାହୁଙ୍କ ୭୫ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ସଂସ୍କୃତିପ୍ରେମୀ ବ୍ୟକ୍ତିଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସମିତି ସଦସ୍ୟ କୈଳାସଚନ୍ଦ୍ର ସାହୁ, ମୁରବି ସିଦ୍ଧେଶ୍ୱର ସାହୁ, ଜୟଦେବ ସାହୁ, ବିଶ୍ୱନାଥ ସାହୁ, ଅଜିତରନ ସାହୁ, ପ୍ରାକ୍ତନ ସରପଞ୍ଚ ଦିଲୀପ ପାତ୍ର, ସାବିତ୍ରୀ ସାହୁ, ଚିତ୍ତରଂଜନ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କରାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ବିନାୟକ ସାହୁ ମୁଖାଗ୍ନି ଦେଇଥିଲେ। ଅନ୍ୟପକ୍ଷରେ ସେହି ଗ୍ରାମର ଦୀନବନ୍ଧୁ ସାହୁଙ୍କର ମଧ୍ୟ ସେହିଦିନ ୮୦ବର୍ଷ ବୟସରେ ପରଲୋକ ହୋଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଦୀପକକୁମାର ସାହୁ ମୁଖାଗ୍ନି ଦେଇଥିଲେ। ଗୋଟିଏ ଦିନରେ ଦୁଇଜଣଙ୍କ ମୃତ୍ୟୁକୁ ନେଇ ଈଶ୍ୱରପୁର ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ମଦ ଜବତ, ଜଣେ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମରରେ ପୁଲିସ ଚଢ଼ାଉ କରି ୩୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଚନ୍ଦ୍ରମଣି ମଲିକ (୨୫)। ସେ ମଦ ନେଇ ଯାଉଥିବା ବେଳେ ପୋଲିସ ହାବୁଡରେ ପଡିଥିଲା। ପୁଲିସ ତା' ନିକଟରୁ ମଦ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଥିଲା। ଏନେଇ ୩୭୦/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଅଂଚଳବାସୀଙ୍କ ସହଯୋଗ ରହିଲେ ପାଇପାରିବେ ଉତମ ପୋଲିସ ସେବା



ଗୋପାଳପୁର (ପିଏନ୍): କଟକସଦର ବ୍ଲକ ଅଧିନ ବେଂଟକାରଠାରେ ବୟାଳିଶମୌଜା ଥାନା ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଆଭାସୀ ଉଦ୍ଘାଟନ ପରେ ପୁଲିସ ଆୟୁକ୍ତ ସୌମେନ୍ଦ୍ର ପ୍ରୀୟଦର୍ଶୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ବୟାଳିଶମୌଜା ଥାନା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଚନ୍ଦ୍ରସାରଥି ବେହେରା ସଭାପତିତ୍ୱ କରିଥିବା ବେଳେ ଉଦ୍‌ଘାଟକ ଭାବେ ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ସହରାଂଚଳ ଆରକ୍ଷୀ ଉପାୟୁକ୍ତ ପ୍ରତିକ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ କଟକସଦର ବ୍ଲକ ଉପାଧକ୍ଷ ବିଭୂତିଭୂଷଣ ପରିଡା, ବୀରବର ଲେଙ୍କା, ପ୍ରମୋଦ ମହାପାତ୍ର, ଶରତ ରାୟ, ଦଳିତ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ବିଦ୍ୟାଧର ପାତ୍ର, ପିୟୁଷ ପରିଡା, ତ୍ରିଲୋଚନ ଦଳାଇ, ମିହିର ରଂଜନ ପତି, ଅନୀଲ ଦାସ ପ୍ରମୁଖ ଅଂଚଳ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଅଂଚଳ ତରଫରୁ ପୋଲିସ କମିଶନର, ଆରକ୍ଷୀ ଉପାୟୁକ୍ତ ଏବଂ ବିଧାୟକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କମିଶନରେଟ ପୋଲିସ ପକ୍ଷରୁ ଅନୀତା ସାହୁଙ୍କୁ ବୟାଳିଶମୌଜା ନୂତନ ଥାନାର ଆଇଆଇସି ଭାବରେ ଦାୟିତ୍ୱ ଅର୍ପଣ କରାଯାଇଛି । ଆୟୋଜିତ ସଭାରେ ପୁଲିସ କମିଶନର ବୟାଳିଶମୌଜାବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅଂଚଳବାସୀଙ୍କ ତରଫରୁ ସହଯୋଗ ଜାରି ରହିଲେ କମିଶନରେଟ ପୁଲିସ ତରଫରୁ ଉତମ ପୁଲିସ ସେବା ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିନୋଦ ବେହେରା, ପ୍ରଦ୍ୟୁମ୍ନ ମହାନ୍ତି, ଅଜୟ ଦଳାଇ, ଅସିମ ଦାସ, ସୁଧିର ଶତପଥି, ସ୍ୱାଧିନ ଶେଖର ଷଡଙ୍ଗୀ, ଦିପ୍ତିରଂଜନ ଶତପଥି, ବାବାଜୀ ଭୋଇ, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଯୁବ ସମାଜସେବୀ ମିହିରରଂଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ ।




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ୍ୟ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

—ଚିତ୍ତରଞ୍ଜନ ମହାପାତ୍ର
ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୂଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଲାନ୍ତ ବା ଶରୀରର ଅବସକୁ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

### ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଊର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଊର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।




# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

your gateway to complete education

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
ପର୍ଯ୍ୟବେକ୍ଷକ
Bhubaneswar Friday January 31 | ଭୁବନେଶ୍ୱର ଶୁକ୍ରବାର, ଜାନୁଆରୀ ୩୧,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

# ସହୀଦ ଦିବସରେ ଦେଶମାତୃକା ପାଇଁ ଆତ୍ମ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ନିମନ୍ତେ ନିରୋବ ପ୍ରାର୍ଥନା



ରାୟଗଡ(ପି.ଏନ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଆଜି ଶହୀଦ ଦିବସ ପାଳିତ ହୋଇଯାଇଛି । ଦେଶର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାପୁରୁଷ ଓ ମହିୟସୀ ମାନେ ନିଜ ଜୀବନକୁ ଆତ୍ମ ବଳିଦାନ ଦେଇଛନ୍ତି ସେମାନଙ୍କ ସ୍ମୃତି ଉଦେଶ୍ୟରେ ରାୟଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶହୀଦ ଦିବସ ପାଳନ କରାଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାଓ୍ୱରୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର,ଡେପୁଟି କଲେକ୍ଟର ନାରାୟଣ ମିଶ୍ର,ଲଳିତ ମଣ୍ଡଳ,ମଧୁମିତା ବେହେରା,ବିଚିତ୍ରା ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଶ୍ରୀ ତତ୍ତ୍ୱମୋସୀ ମହାପାତ୍ର,ସହକାରୀ ଜିଲ୍ଲାପାଳ ମକ୍ଷନଭଞ୍ଜନ କହଁର, ସୁସ୍ମିତା ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମିନତି କୁମାରୀ ଦେଓ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପୁଷ୍ପଲତା ଦୀକ୍ଷିତ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ,ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀମତୀ ଭବାନୀ ଶବର,ଗ୍ରନ୍ଥାଗକ୍ଷରୀକ ଶ୍ରୀ ଉମ୍ବରୁଧର ପଣ୍ଡା, ସହ ସଂଚାଳକ ଶ୍ରୀ ସାମ୍ରାଟ ସାହୁ, ରାଜେନ୍ଦ୍ର ଦୋରକ୍ଷ ଓ ଅଗ୍ନିସମ୍ପ ବିଭାଗର ଆଗ୍ନେୟକ ମାନେ ଯୋଗଦାନ କରି ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଓ ସେମାନଙ୍କ ଉଦ୍ଦେଶ୍ୟରେ ନିରୋବ ପ୍ରାର୍ଥନା କରିଥିଲେ । ଅଗ୍ନିସମ୍ପ ବିଭାଗର ତରଫରୁ ନିରୋବ ପ୍ରାର୍ଥନା ପୂର୍ବରୁ ଓ ପରେ ୨ଥର ସାଇରନ ଦିଆଯାଇଥିଲା । ସେହିପରି ବିଭିନ୍ନ କାର୍ଯ୍ୟାଳୟ ମାଙ୍କରେ ବିଭଗୀୟ ଅଧିକାରୀଙ୍କ ନେତୃତ୍ୱରେ ତାଙ୍କ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କୁ ନେଇ ପାଳନ କରାଯାଇଛି ।

## ମାହାଙ୍ଗାରେ ସିଆରପି. ଏମ୍ ବିକେ ଏବଂ ଇ.ସି.ମାନଙ୍କ ନିଯୁକ୍ତିକୁ ନେଇ ଉଠିଲା ପ୍ରଶ୍ନବାଚୀ

ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତର ସିଆରପି, ଏମ୍‌ବିକେ ଏବଂ ଇସିମାନେ ବକେୟା ଦରମା ପାଇବା ନେଇ ଆନ୍ଦୋଳନ କରିବା ସହ ଅନଶନରେ ବସିଥିବା ବେଳେ ସେମାନଙ୍କର ନିଯୁକ୍ତିକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଯୋରଧାର ଧରିଛି । ନିର୍ବାଚନକୁ ଆଖି ଆଗରେ ରଖି ଗତ ବିଜେଡି ସରକାର ତରବରିଆ ଭାବେ ବିଭିନ୍ନ ପଂଚାୟତରେ ଜନସାଧାରଣଙ୍କ ଅଗୋଚରରେ ପଂଚାୟତ ସ୍ତରୀୟ ଜନପ୍ରତିନିଧି ଓ ବିଜେଡି ଦଳର ସମର୍ଥକଙ୍କ କଥା ଅନୁସାରେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ପଂଚାୟତରେ ସିଆରପି ଏମ୍‌ବିକେ ଓ ଇସି ଭାବେ ନିଯୁକ୍ତି ଦିଆଯାଇଥିଲା । ମିଶନ ଶକ୍ତି ଅଧିନରେ ଏମାନେ କାର୍ଯ୍ୟ କରୁଛନ୍ତି ତେବେ ପ୍ରଶ୍ନଉଠେ ରାଜ୍ୟ ସରକାର କେତେ ତାରିଖରେ ରାଜ୍ୟର ବିଭିନ୍ନ ପଂଚାୟତରେ ସିଆରପି ଏମ୍‌ବିକି ଓ ଇସିମାନଙ୍କୁ ନିଯୁକ୍ତି କରିବାକୁ ନୋଟିଫିକେସନ କରିଥିଲେ । ଏ ସଂପର୍କରେ କେବେ ଜିଲ୍ଲା ପ୍ରଶାସନ ତରଫରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା । ଏପରିକି ରାଜ୍ୟ ସରକାର କେଉଁ କେଉଁ ଗଣମାଧ୍ୟମରେ ସିଆରପି , ଏମ୍‌ବିକେ ଓ ଇସିଙ୍କ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା ।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯୁଗଳ କିଶୋର ଖମାରି
ଦାସିଗାଁ, କଳାହାଣ୍ଡି
ଆବିର୍ଭାବ : ୧୨. ୦୩. ୧୯୩୪
ତିରୋଧାନ :୨୬. ୦୧. ୨୦୨୫

ଆପଣଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ଆପଣଙ୍କ ଭଳି ଜଣେ ନିତୀ ଆଦର୍ଶ ବ୍ୟକ୍ତିତ୍ୱ, ଶାସ୍ତ୍ରକ୍ଷନୁରାଗୀ ପଣ୍ଡିତଙ୍କ ବିୟୋଗ ଏ ଅଞ୍ଚଳ ପାଇଁ ଅପୂରଣୀୟ । ଆପଣଙ୍କ ଆଦର୍ଶ, ଉପଦେଶ ଆମ୍ଭମାନଙ୍କ ପାଇଁ ପ୍ରେରଣା ଦାୟୀ ହେଉ ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକ ସନ୍ତପ୍ତ : ତୁଶାର କାନ୍ତ ଖମାରୀ,
ଆଦିତ୍ୟ କୁମାର ଖମାରୀ,
ମଳୟ କୁମାର ଖମାର


# ସେଲିବ୍ରିଟି କ୍ରିକେଟ୍ ଲିଗ୍ (ସିସିଏଲ୍) ଓଡ଼ିଶାକୁ ଆସୁଛି !

ଭୁବନେଶ୍ୱର, (ପି.ଏନ): ବର୍ଷର ସବୁଠାରୁ ପ୍ରତୀକ୍ଷିତ ସେଲିବ୍ରିଟି କ୍ରିକେଟ୍ ଇଭେଣ୍ଟ ପାଇଁ ପ୍ରସ୍ତୁତ ହୁଅନ୍ତୁ ! ସେଲିବ୍ରିଟି କ୍ରିକେଟ୍ ଲିଗ୍ (ସିସିଏଲ୍) ଫେବୃଆରୀ ୧୬, ୨୦୨୫ରେ ଓଡ଼ିଶାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ସେଲିବ୍ରିଟି କ୍ରିକେଟ୍ ଲିଗରେ ୧୦୦ରୁ ଅଧିକ ବଲିଉଡ୍ ଏବଂ ଭାରତୀୟ ସେଲିବ୍ରିଟି ସାମିଲ ହେବେ, ଯେଉଁଥିରେ ଅର୍ଜୁନ କପୁର, ଆଫତାବ ଶିବଦାସାନୀ, ରିତେଶ ଦେଶମୁଖ, ଜାହ୍ନବୀ କପୁର, ସୋନୁ ସୁଦ ଏବଂ ବୋନି କପୁରଙ୍କ ସମେତ ଅନେକ ବ୍ୟକ୍ତି ସାମିଲ ହେବେ।ଚାରୋଟି ଦଳ - ମୁମ୍ବାଇ ହିରୋଜ୍, ବେଙ୍ଗଲ୍ ଟାଇଗର୍ସ, ପଞ୍ଜାବ ଡି ଶେର୍ ଏବଂ ଭୋଜପୁରୀ ଦବଙ୍ଗସ୍ - କ୍ରିକେଟ୍ ପଡ଼ିଆରେ ଲଢ଼ିବେ, ଯାହା କ୍ରୀଡାପ୍ରେମ ଏବଂ ମନୋରଞ୍ଜନର ଏକ ରୋମାଞ୍ଚକର ପ୍ରଦର୍ଶନର ପ୍ରତିଶ୍ରୁତି ଦେବ।ଓଡ଼ିଶା ଦର୍ଶକଙ୍କ ପାଇଁ ଏକ ବିଶେଷ ଉପହାର ଭାବରେ, ସିସିଏଲ୍ ମ୍ୟାଚ୍ ପୂର୍ବରୁ ଓଡ଼ିଶା ରଣଜୀ କ୍ରିକେଟର୍ସ ଏବଂ ଓଡ଼ିଆ ଫିଲ୍ମ ଅଭିନେତାଙ୍କ ମଧ୍ୟରେ ଏକ ସେଲିବ୍ରିଟି ମ୍ୟାଚ୍ ଖେଳାଯିବ।ଏହି ସିସିଏଲ୍ ମୁଖ୍ୟ ପରାମର୍ଶଦାତା ଗୋଲକ ମହାପାତ୍ର ଏବଂ ମୁଖ୍ୟ ସଂଯୋଜକ ରୋଟାରୀଆନ ଅଜୟ ଅଗ୍ରୱାଲ ଏବଂ ଡକ୍ଟର ସତ୍ୟବ୍ରତ ମିନକେତନଙ୍କ ନେତୃତ୍ୱ ଓ ମାର୍ଗଦର୍ଶନ ରେ ଏକ କୋର୍ କମିଟି ଗଠନ ହୋଇଛି ।କୋର୍ କମିଟିର ସଂଯୋଜକ ଭାବେ ବାସୁଦେବ ଭଟ୍ଟ ଥିବା ବେଳେ ରୋଟାରୀଆନ ସତ୍ୟଜିତ ଶତପଥୀ, ରୋଟାରୀଆନ ସ୍ମୃତି ରଞ୍ଜନ ବିଶ୍ୱାଳ, ରାଜେନ୍ଦ୍ର ପଣ୍ଡା, ରଶ୍ମି ରଞ୍ଜନ କାନୁନଗୋ, ଦୁର୍ଗା ସାମନ୍ତରାୟ, ଡକ୍ଟର ଅକ୍ଷୟ କୁମାର ପଟ୍ଟନାୟକ, ଡକ୍ଟର ସତ୍ୟଜିତ ଦାଶ, ରୋଟାରୀଆନ ପୁଣ୍ୟଶ୍ଳୋକ ମହାନ୍ତି, ଆଦ୍ୟପ୍ରାଣ ସୁବୁଦ୍ଧି, ଆଦିତ୍ୟ ଦାସ କମିଟି ରେ ଥିବା ଜଣା ପଡିଛି। 'ଆମେ ପୁଣି ଥରେ ସିସିଏଲ୍ କୁ ଓଡ଼ିଶାକୁ ଆଣିବାକୁ ବହୁତ ଉତ୍ସାହିତ, ଏହା ବଲିଉଡ୍ ଏବଂ ଅନ୍ୟାନ୍ୟ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଚଳଚ୍ଚିତ୍ର ସୁଟିଂ ପାଇଁ ଓଡ଼ିଶାକୁ ଆକର୍ଷିତ କରିବ। ଏହା ଆମ ଓଡ଼ିଶାର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ସିସିଏଲ୍ ଓଡ଼ିଶାର ସଂଯୋଜକ ବାସୁଦେବ ଭଟ୍ଟ କହିଛନ୍ତି। 'ଏହି କାର୍ଯ୍ୟକ୍ରମ କ୍ରିକେଟ୍ ପ୍ରଶଂସକ ଏବଂ ସେଲିବ୍ରିଟି ଉତ୍ସାହୀମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ହେବାର ପ୍ରତିଶ୍ରୁତି ଦେଉଛି' ସିସିଏଲ ।

# ସେମରକ୍ ଫ୍ରିରୋଜ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଶମାରୋହରେ ପାଳିତ ହୋଇଯାଇଛି



ଭୁବନେଶ୍ୱର, (ପି.ଏନ): ଭବାନୀପାଟଣା ଇରିଗେସନ କଲୋନି ୧୩ ନଂ ଲେନ ରେ ଥିବା ସ୍କୁଲ ର ବାର୍ଷିକ ଉତ୍ସବ ଲେନ ନଂ ୧ ପଡିଆରେ ମହାଆଡମ୍ବରରେ ପାଳିତ ହୋଇଛି । ଏହି ଉତ୍ସବରେ ଭବାନୀପାଟଣା, (ସଦର) ବିଧାୟକ ଶ୍ରୀଯୁକ୍ତ ସାଗର ଚରଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏବଂ ବିଶେଷ ଅତିଥି ଭାବରେ ଶ୍ରୀଯୁକ୍ତ ସୁଧୀର ନାଏକ ସେମଫୋର୍ଡ (ଚେୟାରମ୍ୟାନ), ଟିଟିଲାଗଡ ର ଉପସ୍ଥିତ ଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପରିଚାଳନା କୁ ସନ୍ତୁଷ୍ଟ ପ୍ରକାଶ କରିବା ସହ ବିଦ୍ୟାଳୟର ଉନ୍ନତି କାମନା କରି ଭବିଷ୍ୟତରେ ସବୁ ପ୍ରକାରର ସହଯୋଗ କରିବା ପାଇଁ ଶ୍ରୀ ସାଗର ଚରଣ ଦାଶ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମର ମଞ୍ଚିକୁ ପ୍ରତିକ୍ଷା ବେହେରା। ଏବଂ ସଞ୍ଜନା ବେହେରା ପରିଚାଳନା କରିଥିଲେ । ଚିନ୍ମୟ ପଟେଲଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନନ୍ଦା ମିଶ୍ର, ପୁଣ୍ୟପ୍ରଭା ଦାଶ, ତପସିନି ମହାପାତ୍ର ଏବଂ ଗିତାଞ୍ଜଳୀ ଶବର, ପ୍ରଭାବତୀ ହଂସ ସହଯୋଗ କରିଥିଲେ ଓ ତୁଷାର ପଟେଲ, ଚିନ୍ମୟୀ ପଟେଲ ଏବଂ ସଞ୍ଜିବ ଶବର ସହଯୋଗ କରିଥିଲେ । ବିଦ୍ୟାଳୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏହି ଖେଳରେ ଅନିଜା ଫାତିମା ଗୋଲକଧନ୍ଦାରେ ପ୍ରଥମ ଏବଂ ମ୍ୟୁଜିକାଲ ଚେୟାର ରେ ତୃତୀୟ, ସଂଜିଙ୍ଗ ଓଟର ରେ ତୃତୀୟ ଓ ପ୍ରଦର୍ଶନୀରେ ଦ୍ୱିତୀୟ ପୁରସ୍କାର ପାଇ ବିଧାୟକ ଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ଉତ୍ସବରେ ସମସ୍ତ ଛାତ୍ର ଛାତ୍ରୀ ଏବଂ ତାଙ୍କ ଅଭିଭାବକ ଉପସ୍ଥିତ ରହି ସ୍କ ?ପ ଚାଲିବା ରେ ଅଂଶ ଗ୍ରହଣ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ବାବା ଅଲ୍ଲିଖାନ ସହଯୋଗ କରିଥିଲେ ।

# ଶିଶୁ ପ୍ରତିଭାର ବିକାଶ ହିଁ ନିପୁଣ ମେଳାର ମୁଖ୍ୟ ଉଦ୍ଦେଶ୍ୟ



ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତ ଅନ୍ତର୍ଗତ ବଙ୍ଗୀରାଜ ଗୋପାଳପୁର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଅଚ୍ୟୁତପୁର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମାହାଙ୍ଗା ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟର ସ୍ତରରେ ନିପୁଣ ଭାରତ ଓ ନିପୁଣ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ସିଆରସିସି ସେକ୍ ସନଓ୍ୱର ଅଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିପୁଣ ଓଡିଶା ମେଳାର ଉଦ୍‌ଘାଟନ ଉତ୍ସବରେ ଏବିଇଓ ସବିତା ସ୍ୱାଇଁ ଯୋଗଦେଇ ବ ମାନ ରାଜ୍ୟରେ ଦେଖାଦେଇଥିବା ଶିକ୍ଷାକ୍ଷେତ୍ରରେ ସମସ୍ୟା ସଂପର୍କରେ ଆଲୋକପାତ କରିବା ସହ ଛୋଟ ଛୋଟ ପିଲାମାନେ କିଭଳି ସଂଖ୍ୟାଜ୍ଞାନ ପରିବାରରୁ ଶିଖି ପାରିବେ ସେ ସଂପର୍କରେ ଆଲୋକପାତ କରିଥିଲେ। ଶିଶୁ ପ୍ରତିଭାର ବିକାଶ ହିଁ ନିପୁଣ ମେଳାର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ରମାକାନ୍ତ ଦାସ, ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ରାଉତରାୟ, ନଳୀନିକାନ୍ତ ସାହୁ, ରାକେଶ ରଂଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିପୁଣ ଓଡିଶା ମେଳାର ଅଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ ମନଓ୍ୱର ଅଲୀ, ସଂଯୁକ୍ତା ନାଥଶର୍ମା, ପ୍ରସନ୍ନ କୁମାର ମହାନ୍ତି, ସରୋଜ ଘଡେଇ, ଦିବାକର ବେହେରା, ପ୍ରସନ୍ନ କୁମାର ଘଡେଇ, ଅର୍ଚ୍ଚନା ଜେନା, ଜ୍ୟୋତିରଂଜନ ନାଥଶର୍ମା, ରିଆକସନ ମଲିକ ସହଯୋଗ କରିଥିଲା ବେଳେ ପ୍ରାରମ୍ଭରେ ଅରସ୍ମିତା ପ୍ରଧାନ ଓ ଆୟେସା ପ୍ରଧାନ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ମୌଳିକ ସ୍ୱାକ୍ଷରତାରେ ୯ଟି ପ୍ରକଳ୍ପ ସଂଖ୍ୟାଜ୍ଞାନ ସଂପର୍କିତ ୯ ଟି ପ୍ରକଳ୍ପ, ସୃଜନଶୀଳତା ପାଇଁ ୯ ଟି ପ୍ରକଳ୍ପ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୯ ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଙ୍ଗୀରାଜ ଗୋପାଳପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray